## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ସୂଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ ।

(ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ବର ତହସିଲ ଅନ୍ତର୍ଗତ ଭୁବନେଶ୍ୱର ସହର ଇଉନିଟ - ୩୪ ମେହେରପଲ୍ଲୀ ରେ ଏ. ୦.୦୮୦ ଡିସିମିଲ ବେସରକାରୀ ଜମି ଅଧିଗ୍ରହଣ ସମ୍ପର୍କେ )

### ବୈଧାନିକ ବ୍ୟବସ୍ଥା

ଭୁବନେଶ୍ୱର ସହର ପାଇଁ ସମ୍ପନ୍ୱିତ ସ୍ୱେରେଜ ପ୍ରକଳ୍ପ ପ୍ରସ୍ତୁତି ପାଇଁ ବେସରକାରୀ ଜମି ଅଧିଗ୍ରହଣ ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ବର ତହସିଲ ଅନ୍ତର୍ଗତ ମୌଜା - **ଭୁବନେଶ୍ୱର ସହର ଇଉନିଟ-୩୪ ମେହେରପଲ୍ଲୀ ରୁ** ଏ.୦.୦୮୦ ଡିସିମିଲ ପରିମିତ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ପ୍ରକଳ୍ପ ଯନ୍ତ୍ରୀ ପ୍ରକଳ୍ପ ପରିଚଳନା ଇଉନିଟ ନମ୍ବର -୧, ଓଡ଼ିଶା ଜଳଯୋଗାଣ ଓ ପରିମଳ ବୋର୍ଡ, ଭୁବନେଶ୍ବରଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତସମ୍ପର୍କେ "ନ୍ୟାୟୋଚିତ" କ୍ଷତିପୂରଣ ଅଧିକାର ଏବଂ ଭୂ- ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ମାନ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ହୋଇଅଛି ।

*ଅଧିସୂଚନା*

| କ୍ରମିକ ନଂ | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ଭୁବନେଶ୍ୱର | ଭୁବନେଶ୍ୱର ସହର ଇଉନିଟ - ୩୪ ମେହେରପଲ୍ଲୀ | ଏ.୦.୦୮୦ ଡି. | ୨୦୬୨୬ / ୨୦.୦୭.୨୦୧୯ |

### ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ।

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚଉଧୁରୀ ସେଣ୍ଟର ଫର ଡଭଲପମେଣ୍ଟ ଷ୍ଟଡିଜ (ଏନ ସି ଡି ଏସ ) ଭୁବନେଶ୍ୱରକୁ ହସ୍ତାନ୍ତର କରଯାଇଥିଲା । ପରେ ନବକୃଷ୍ଣ

P.T.O

ଚଉଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, "ଆର୍ଡିକସ" ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନ ସଂଖ୍ୟା , ସାମାଜିକ ବିବରଣୀ, ପରିବାର ମାନଙ୍କର ସମ୍ପୂର୍ଣ୍ଣ ବିବରଣୀ , ଜୀବିକା, ଆୟର ପନ୍ଥା , ପରିବାରର ମୋଟ ବ୍ୟୟ , ପରିବାରର ଆସବାବପତ୍ର , ପ୍ରଭାବିତ ହେବାକୁ ଥିବା କୋଠାବାଡି , ବ୍ୟବସାୟୀକ ବା ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟ ପନ୍ଥା ଓ ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ଭିତ୍ତିରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

*ଜନ ଶୁଣାଣୀ (ଧାରା-୪)*

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ – ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ର ଧାରା ୪ ଅନୁସାରେ ଜନଶୁଣାଣୀ କାର୍ଯ୍ୟ ମୌଜା - ମେହେରପଲ୍ଲୀ ପାଇଁ ତା.୦୩.୧୧.୨୦୧୯ ରିଖ ଦିବା ୧୧ ଘଣ୍ଟା ସମୟରେ ବିଜୁ ଯୁବକ ସଂଘ, ମେହେରପଲ୍ଲୀ ଠାରେ କରାଯିବାପାଇଁ ଧାର୍ଯ୍ୟ କରାଯାଇ, ଏ ବାବଦରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ଜଣାଇ ଦିଆଯାଇଥିଲା ।

ଆୟୋଜିତ ଜନଶୁଣାଣୀ କାର୍ଯ୍ୟ ଧାର୍ଯ୍ୟ ଦିବସରେ ମେହେରପଲ୍ଲୀ ମୌଜାର ବିଜୁ ଯୁବକ ସଂଘ ଠାରେ ସମାପନ ହୋଇଥିଲା । ଉକ୍ତ ଜଣଶୁଣାଣୀର ବିଶଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣିତ ହୋଇଅଛି ।

ଜନଶୁଣାଣୀ ସମୟରେ କ୍ଷତିଗ୍ରସ୍ତ ପରିବାରର ସଦସ୍ୟ ସମେତ ଗ୍ରାମବାସୀ ମାନେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ମତ ବ୍ୟକ୍ତ କରିଥିଲେ ।

ଏହି ସଭାରେ ଶ୍ରୀମତୀ ଶ୍ରାବଣୀ ପଟ୍ଟନାୟକ, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, (ସ୍ୱରେଜ ବୋର୍ଡ) ପୌରହିତ୍ୟ କରିଥିଲେ ଏବଂ ନିମ୍ନ ଲିଖିତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

୧. ପ୍ରକଳ୍ପ ଯନ୍ତ୍ରୀ, ପ୍ରକଳ୍ପ ପରିଚାଳନା ଇଉନିଟ- ୧, ଓଡିଶା ଜଳଯୋଗାଣ ଓ ପରିମଳ ବୋର୍ଡ , ଭୁବନେଶ୍ୱର

୨. ଅତିରିକ୍ତ ତହସିଲଦାର, ଭୁବନେଶ୍ୱର ।

୩. ଆର୍ଡିକସର ସର୍ବେକ୍ଷଣ ମୁଖ୍ୟ ।

୪. ରାଜସ୍ୱ , ନିରିକ୍ଷକ, ଲକ୍ଷ୍ମୀସାଗର ।

ଏତଦବ୍ୟତୀତ ସାମାଜିକ ପ୍ରଭାବ ଆକଳନ ସଂସ୍ଥାର ଅଧିକାରୀବୃନ୍ଦ, ଜମି ହରାଉଥିବା ପରିବାର ମେହରପଲ୍ଲୀ ଗ୍ରାମର ଅନ୍ୟ ଅଧିବାସୀ ମାନେ ଶୁଣାଣୀରେ ଅଂଶ ଗ୍ରହଣ କରିଥିଲେ ।

ଏହି ଜନଶୁଣାଣୀ ପ୍ରାରମ୍ଭରେ "ଆର୍ଡକସ"ର ମୁଖ୍ୟ ପ୍ରଥମେ ଉପସ୍ଥିତ ଅତିଥି ମାନଙ୍କୁ ସ୍ୱାଗତ କରି ଉଦ୍ଘାଟନ ଭାଷଣ ସହ ଜଣଶୁଣାଣୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପ୍ରକଳ୍ପ ଯନ୍ତ୍ରୀ, ପ୍ରକଳ୍ପ ପରିଚାଳନା ଇଉନିଟ-୧, ଓଡିଶା ଜଳଯୋଗାଣ ଓ ପରିମଳ ବୋର୍ଡ, ଭୁବନେଶ୍ୱର ପ୍ରସ୍ତାବିତ ଅଧିଗ୍ରହଣର ଯଥାର୍ଥତା ଓ ସର୍ବସାଧାରଣ ଉଦ୍ଦେଶ୍ୟରେ ଏହାର ବିନିଯୋଗ ସମ୍ପର୍କେ ଆଲୋକପାତ କରିଥିଲେ । ଭୂ-ଅର୍ଜନ ଅଧିକାରୀ, ସ୍ୱେରେଜ ବୋର୍ଡ, ସାମାଜିକ ପ୍ରଭାବ ଆକଳନ ପରିପ୍ରେକ୍ଷୀରେ, ଜନଶୁଣାଣୀ କାର୍ଯ୍ୟକ୍ରମର ଯଥାର୍ଥତା ସମ୍ବନ୍ଧରେ ଧାରଣା ପ୍ରଦାନ କରିବା ସହ ଜମି ଓ ଏଥିରେ ଥିବା ନିର୍ମାଣ କାର୍ଯ୍ୟ ସମେତ ଜୀବିକା ପାଇଁ କ୍ଷତିପୂରଣ ପ୍ରଦାନ ନିମନ୍ତେ ସଠିକ ମୂଲ୍ୟାୟନ ସମ୍ବନ୍ଧରେ ଆଲୋଚନା କରିଥିଲେ । ଭୂ-ଅର୍ଜନ ଅଧିକାରୀ ଙ୍କ ବକ୍ତବ୍ୟ ପରେ ଉପସ୍ଥିତ ଭୂମି ମାଲିକମାନଙ୍କୁ ଭୂମି ଅଧିଗ୍ରହଣ ବାବଦରେ ସେମାନଙ୍କର ମତାମତ ଉପସ୍ଥାପନ କରିବାକୁ ଅନୁରୋଧ କରଯାଇଥିଲା । ଭୂମିମାଲିକ ମାନେ ବଜାରଦର ଅନୁଯାୟୀ ସଠିକ କ୍ଷତିପୂରଣ ନିର୍ଦ୍ଧାରଣ ନିମନ୍ତେ ଦାବି କରିଥିଲେ । ପରିଶେଷରେ ଭୂ-ଅର୍ଜନ ଅଧିକାରୀ, ଜମିମାଲିକ ମାନଙ୍କୁ ସେମାନଙ୍କର ଜମି ଓ ସମ୍ପତ୍ତି ନିମନ୍ତେ ସଠିକ କ୍ଷତିପୂରଣ ନିର୍ଦ୍ଧାରଣ ସହିତ ସେମାନଙ୍କର ସ୍ୱାର୍ଥକୁ ଆଖିଆଗରେ ରଖି ଆଇନ ଅନୁଯାୟୀ ସର୍ବାଧିକ ମୂଲ୍ୟକୁ ଅନୁମୋଦନ କରାଯିବା ନିମନ୍ତେ ଆଶ୍ୱାସନା ପ୍ରଦାନ କରିଥିଲେ । ପରିଶେଷରେ "ଆର୍ଡକସ"ର ମୁଖ୍ୟ, ପ୍ରସ୍ତୁତ ଚିଠା ଉପରେ ଟିପ୍ପଣୀ ଦେବାସହ କାର୍ଯ୍ୟକ୍ରମରେ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରକାଶନ (ଧାରା-୬)

ପ୍ରଭାବିତ ଗ୍ରାମରେ ଜନଶୁଣାଣୀ ପରେ ଚୁଡାନ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀକୁ ଆଇନର ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରଯାଇଥିଲା ।

## ଆଇନର ଧାରା ୭ ଉପଧାରା ୧ ଅନୁସାରେ "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନ, ମୂଲ୍ୟାୟନ ଓ ସୁପାରିସ

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"ଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ

ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ତେଣୁ ଉକ୍ତ ଆଇନର ଧାରା ୭ ଉପଧାରା ୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ ବିଶେଷଜ୍ଞ ଦଳ ଗଠନ କରାଯାଇଅଛି ।

## ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ

୧. ଶ୍ରୀଯୁକ୍ତ ସମରେନ୍ଦ୍ର ମହାନ୍ତି , ଅବସରପ୍ରାପ୍ତ ପ୍ରଫେସର, ସମାଜବିଜ୍ଞାନ
୨. ଶ୍ରୀଯୁକ୍ତ ଅକ୍ଷୟ ଲେଙ୍କା , ଅବସରପ୍ରାପ୍ତ ପ୍ରଫେସର, ସମାଜବିଜ୍ଞାନ
୩. ୱାର୍ଡ ଅଧିକାରୀ, ୱାର୍ଡ ନମ୍ବର -୩୨ ମହାନଗର ନିଗମ , ଭୁବନେଶ୍ବର
୪. ୱାର୍ଡ ଅଧିକାରୀ, ୱାର୍ଡ ନମ୍ବର -୩୩ ମହାନଗର ନିଗମ , ଭୁବନେଶ୍ବର
୫. ଶ୍ରୀଯୁକ୍ତ ବ୍ରଜକିଶୋର ପଟ୍ଟନାୟକ , ଓ. ଏ. ଏସ. (ଅବସରପ୍ରାପ୍ତ)
୬. ଶ୍ରୀଯୁକ୍ତ ସୁବୋଧ ଚନ୍ଦ୍ର ମହାପାତ୍ର , ଓ. ଏ. ଏସ. (ଅବସରପ୍ରାପ୍ତ)
୭. ପ୍ରକଳ୍ପ ଯନ୍ତ୍ରୀ, ପ୍ରକଳ୍ପ ପରିଚାଳନା ଇଉନିଟ- ୧ , ଓଡିଶା ଜଳଯୋଗାଣ ଓ ପରିମଳ ବୋର୍ଡ , ଭୁବନେଶ୍ବର ।

ଉପରୋକ୍ତ ବ୍ୟକ୍ତି ବିଶେଷମାନଙ୍କ ମଧ୍ଯରୁ ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ. ଏ. ଏସ. (ଅବସରପ୍ରାପ୍ତ) ଙ୍କୁ ଅଧ୍ଯକ୍ଷ ରୂପେ ମନୋନୀତ କରାଗଲା ।

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ ।

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ରବହୁମୁଖୀ ବିଶେଷଜ୍ଞ ଦଳ"ଙ୍କ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱରଙ୍କ ସଭା ଗୃହରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ମତେ ତା.୧୧.୧୨.୨୦୧୯ରିଖ ଦିବା ୧୧ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା ।

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ

ଉପରୋକ୍ତ ପ୍ରକଳ୍ପ ଉଦ୍ଦେଶ୍ୟରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ । ଭୁବନେଶ୍ୱର ସହରର ମଳ ବ୍ୟବସ୍ଥା ଉପଚାର ପାଇଁ ପ୍ଲାଣ୍ଟ ନିର୍ମାଣ କରିବା ଓ ମଇଳା ଜଳ ନିଷ୍କାସନ ନିମନ୍ତେ ପ୍ରକଳ୍ପ ପ୍ରସ୍ତୁତି ପାଇଁ ବେସରକାରୀ ଜମି ଅଧିଗ୍ରହଣ କରିବା ନିତାନ୍ତ ଆବଶ୍ୟକ ବୋଲି ବିଶେଷଜ୍ଞଦଳ ହୃଦବୋଧ କରିଥିଲେ । ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମିର ମିଳିତ ସରଜମିନ ତଦନ୍ତ ରିପୋର୍ଟ ଅନୁଯାୟୀ ଉକ୍ତ

ମୌଜାରେ ମଳ ବ୍ୟବସ୍ଥା ଉପଚାର ପାଇଁ ପ୍ଲାଣ୍ଟ ନିର୍ମାଣ ସ୍ଥଳକୁ ମାର୍ଗ ସଂଯୋଗ କରିବା ନିମନ୍ତେ ସରକାରୀ ଜମିନଥିବା ଓ ପ୍ରକଳ୍ପ ପାଇଁ ସର୍ବନିମ୍ନ ଆବଶ୍ୟକତା କୁ ବିଚାରକୁ ନେଇ, ପ୍ରସ୍ତାବିତ ବୃତ୍ତି ଅଧିଗ୍ରହଣ ହେଉଥିବା ବିଶେଷଜ୍ଞଦଳ ହୃଦୟଙ୍ଗମ କରିଥିଲେ । ଅଧିଗ୍ରହଣ ପାଇଁ ଚିହ୍ନଟ ବୃତ୍ତିରେ ବାସଗୃହ ନଥିବାରୁ, ଜମି ହରାଇଥିବା ବ୍ୟକ୍ତିବିଶେଷଙ୍କୁ କେବଳ ଅଧିଗୃହୀତ ଜମିର କ୍ଷତିପୂରଣ ରାଶି ସରକାରୀ ଆଇନ ଅନୁଯାୟୀ ନିର୍ଦ୍ଧାରଣ କରିବାକୁ ବିଶେଷଜ୍ଞଦଳ ପରାମର୍ଶ ଦେଲେ ।

ଏହାପରେ ଜନଶୁଣାଣୀରେ ଉତଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଗଲା ।

ଉକ୍ତ ମୌଜାରେ ଅଧିଗୃହୀତ ହୋଇଥିବା ସମସ୍ତ ଜମି ନିମନ୍ତ କ୍ଷତିପୂରଣ ରାଶି ବର୍ତ୍ତମାନର ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଆଧାରରେସ୍ଥିର କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ରଖାଗଲା ।

ଉକ୍ତ ଜମିର ବଜାର ଦର ନିର୍ଦ୍ଧାରଣ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଆଇନ ଆଧାରରେ ଅଧିଗୃହୀତ ଜମିର ଆଖପାଖ ଅଞ୍ଚଳରେ କିମ୍ବା ନିକଟତମ ମୌଜା ଗୁଡିକରେ ହୋଇଥିବା ସମସ୍ତ ବିକ୍ରି ଦଲିଲ ଗୁଡିକୁ ତର୍ଜମା କରି ସ୍ଥିର କରିବାକୁ ପ୍ରସ୍ତାବ ରଖାଗଲା ।

ଭୁବନେଶ୍ୱର ସହରର ମଳ ବ୍ୟବସ୍ଥା ଉପଚାର ଓ ମଇଳା ଜଳ ନିଷ୍କାସନ ପରିଚାଳନା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଓ ସ୍ମାର୍ଟ ସିଟି ପାଇଁ ଏହା ଗୁରୁତ୍ୱ ବହନ କରୁଥିବାରୁ, ପ୍ରସ୍ଥାବିତ ସମସ୍ତ ବେସରକାରୀ ଜମିର ଅଧିଗ୍ରହଣ ପ୍ରକ୍ରିୟାକୁ ଯଥାଶୀଘ୍ର ସମାପ୍ତ କରିବାକୁ ପ୍ରସ୍ତାବ ରଖାଗଲା ।

ଅଧିଗ୍ରହଣ ପ୍ରସ୍ତାବିତ ବୃତ୍ତି ବାବଦରେ ଯଦି କୌଣସି ଦାଖଲ ଖାରଜ ମାମଲା ବିଚାରାଧୀନ ଓ ରେକର୍ଡ ସଂଶୋଧନ ପାଇଁ ରହିଥିଲେ ତାହାକୁ ତୁରନ୍ତ ଫୈସଲା ଓ ରେକର୍ଡ ସଂଶୋଧନ କରାଯିବା ପାଇଁ ତହସିଲଦାର ଭୁବନେଶ୍ୱରଙ୍କୁ ଅନୁରୋଧ କରାଯିବାକୁ ଓ ଅଦ୍ୟତନ ଖତିୟାନ ମତେ ଅଧିଗ୍ରହଣ କାର୍ଯ୍ୟ କରିବାପାଇଁ ପ୍ରସ୍ତାବ ରଖାଗଲା ।

ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥାଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଉପଜିଲ୍ଲାପାଳ ଭୁବନେଶ୍ୱର, ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

11/12/2019

ଅଧକ୍ଷ

"ସ୍ୱତନ୍ତ୍ର ବହୁମୁଖୀ ବିଶେଷଜ୍ଞ ଦଳ" ଖୋର୍ଦ୍ଧା